# India's view on the Treaty on the Prohibition of Nuclear Weapons

January 22, 2021

## ପରମାଣୁ ଅସ୍ତ୍ର ନିଷେଧ ଚୁକ୍ତି ଉପରେ ଭାରତର ମତ

**ଜାନୁଆରୀ 22, 2021**

ଭାରତ ସର୍ବସାଧାରଣ, ଭେଦଭାବହୀନ ଏବଂ ଯାଞ୍ଚଯୋଗ୍ୟ ପରମାଣୁ ନିରସ୍ତ୍ରୀକରଣକୁ ଉଚ୍ଚ ପ୍ରାଥମିକତା ଦେଇ ଆସିଛି।

ପରମାଣୁ ଅସ୍ତ୍ର ନିଷେଧ ଚୁକ୍ତି (ଟିପିଏନ ଡବ୍ଲୁ) ସମ୍ବନ୍ଧରେ ହୋଇଥିବା ଆଲୋଚନାରେ ଭାରତ ଭାଗ ନେଇ ନାହିଁ ଏବଂ ଲଗାତାର ଏହା ସ୍ପଷ୍ଟ କରିଛି ଆସିଛିଯେ ଏହା ଚୁକ୍ତିନାମାରେ ଭାଗିଦାର ହେବ ନାହିଁ। ଭାରତ ଏହି ଚୁକ୍ତିନାମାକୁ ସମର୍ଥନ କରେ ନାହିଁ ଏବଂ ଏଥିରୁ ଉତ୍ପନ୍ନ କୌଣସି ବାଧ୍ୟତାମୂଳକ ବନ୍ଧନରେ ବାନ୍ଧି ହେବ ନାହିଁ। ଭାରତ ବିଶ୍ୱାସ କରେଯେ ଏହି ଚୁକ୍ତି ପାରମ୍ପାରିକ ଆନ୍ତର୍ଜାତୀୟ ଆଇନର ବିକାଶରେ ସହାୟକ ହୁଏ ନାହିଁ କିମ୍ବା ଏହା କୌଣସି ନୂତନ ମାନକ କିମ୍ବା ଆଦର୍ଶ ସ୍ଥାପନ କରେ ନାହିଁ।

ପରମାଣୁ ଅସ୍ତ୍ରମୁକ୍ତ ବିଶ୍ୱର ଲକ୍ଷ୍ୟ ପାଇଁ ଭାରତ ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। ମିଳିତ ଜାତିସଂଘର ସାଧାରଣ ସଭାରେ ଦାଖଲ ହୋଇଥିବା "ପରମାଣୁ ନିରସ୍ତ୍ରୀକରଣ" ନାମକ ଭାରତର ୱାର୍କିଂ ପେପରରେ ଯେପରି ଦର୍ଶାଯାଇଛି ସର୍ବସାଧାରଣ ପ୍ରତିବଦ୍ଧତା ଏବଂ ଏକ ସହମତ ବିଶ୍ୱସ୍ତରୀୟ ତଥା ଭେଦଭାବହୀନ ବହୁପକ୍ଷୀୟ ଢାଞ୍ଚା ଦ୍ୱାରା ଲିଖିତ ଏକ ପର୍ଯ୍ୟାୟକ୍ରମ ପ୍ରକ୍ରିୟା ମାଧ୍ୟମରେ ଏହି ଲକ୍ଷ୍ୟ ହାସଲ କରାଯାଇପାରିବ ବୋଲି ଭାରତ ବିଶ୍ୱାସ କରେ। ଏହି ପରିପ୍ରେକ୍ଷୀରେ ନିରସ୍ତ୍ରୀକରଣ ସମ୍ମିଳନୀରେ ବ୍ୟାପକ ପରମାଣୁ ଅସ୍ତ୍ର ନିୟମ ଉପରେ ବୁଝାମଣା ଆରମ୍ଭ କରିବା ପାଇଁ ନିରସ୍ତ୍ରୀକରଣ ଉପରେ ଆଲୋଚନାକୁ ଭାରତ ସମର୍ଥନ କରେ, ଯାହା ସହମତି ଭିତ୍ତିରେ କାର୍ଯ୍ୟ କରୁଥିବା ବିଶ୍ୱର ଏକକ ବହୁପକ୍ଷୀୟ ନିରସ୍ତ୍ରୀକରଣ ଆଲୋଚନା ମଞ୍ଚ ଅଟେ। ମିଳିତ ଜାତିସଂଘର ସମସ୍ତ ସଦସ୍ୟ ରାଷ୍ଟ୍ର ସହିତ ପରମାଣୁ ଅସ୍ତ୍ରମୁକ୍ତ ବିଶ୍ୱର ଲକ୍ଷ୍ୟ ହାସଲ ଦିଗରେ କାର୍ଯ୍ୟ କରିବାକୁ ଭାରତ ପ୍ରସ୍ତୁତ ଅଛି।

**ନୂଆଦିଲ୍ଲୀ**

**ଜାନୁଆରୀ 22, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.